DHARITRI

16th Dec, 2019

# ୫୪ତମ ଆନ୍ତଃ ଆଇଆଇଟି ସ୍ପୋର୍ଟସ୍ ମିଟ୍ ଉଦ୍‌ଘାଟିତ



ସ୍ପୋର୍ଟସ ମିଟ୍ ଉଦ୍‌ଘାଟନ ଅବସରରେ କେନ୍ଦ୍ରମନ୍ତ୍ରୀ ପତାପ ଷଡଙ୍ଗୀ, ଦୂତି ଚାନ୍ଦ ଓ ଅନ୍ୟମାନେ।

**ଜଟଣୀ,୧୫।୧୨(ଡି.ଏନ.ଏ.)**

୫୪ତମ ଆନ୍ତଃ ଆଇଆଇଟି ସ୍ପୋର୍ଟସ୍ ମିଟ୍ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଜଟଣୀସ୍ଥିତ ଆଇଆଇଟି କ୍ୟାମ୍ପସ୍ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଓ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଆଥଲେଟ୍ ଦୂତି ଚାନ୍ଦ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଖଡଗପୁର ଓ ଜଟଣୀସ୍ଥିତ ଆଇଆଇଟି ଏହାକୁ ମିଳିତ ଭାବେ ଆୟୋଜନ କରୁଛନ୍ତି। ଜଟଣୀ ଆଇଆଇଟି କ୍ୟାମ୍ପସ୍‌ରେ ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ୍, ଭଲିବଲ ପ୍ରତିଯୋଗିତା ଆୟୋଜିତ ହେଉଛି। ଖଡ଼ଗପୁର ଆଇଆଇଟି ପରିସରରେ ଅନ୍ୟ ପ୍ରତିଯୋଗିତା ସବୁ ଅନୁଷ୍ଠିତ ହେବ। ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ମିଟ୍‌ରେ ଦେଶର ୨୨ ଆଇଆଇଟିରୁ ଜଟଣୀ କ୍ୟାମ୍ପସ୍‌ରେ ୮୦୦ ପ୍ରତିଯୋଗୀ ଭାଗ ନେଇଛନ୍ତି। ଦ୍ୱିତୀୟ ପିଢ଼ିରେ ପ୍ରତିଷ୍ଠା ହୋଇଥିବା ଜଟଣୀସ୍ଥିତ ଆଇଆଇଟି ଏପରି ପ୍ରତିଯୋଗିତା ଆୟୋଜନର ସୁଯୋଗ ପାଇବା ପ୍ରଥମ ବୋଲି ଆଇଆଇଟି କର୍ତ୍ତୃପକ୍ଷ କହିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜା କୁମାର, ଷ୍ଟୁଡେଣ୍ଟ ଆଫାୟାର୍ସର ଡିନ୍ ତଥା ଖେଳ ପରିଚାଳନା କମିଟିର ଚେୟାରମ୍ୟାନ୍ ପ୍ରଫେସର ଭି.ଆର୍. ପେଡିରେଡ୍ଡୀ, ଆବାହକ ଡ. ଶଙ୍କର୍ଷଣ ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଗୋଟିପୁଅ ନୃତ୍ୟ, ପାଇକ ଆଖଡା ଆଦି ପରିବେଷଣ ହୋଇଥିଲା।



ସ୍ପୋର୍ଟସ ମିଟ୍‌ରେ ଯୋଗ ଦେଇଥିବା ଖେଳାଳିମାନେ।